# ମନମୋହନ ବାବୁଙ୍କ ଅନଧିକାର ଚର୍ଚ୍ଚା

୦୫/୦୨/୧୯୮୯

ଗତ ସପ୍ତାହରେ ଘଟିଯାଇଥିବା ଦୁଇଟି ଛୋଟିଆ ଘଟଣାପ୍ରତି ଦୃଷ୍ଟି ଆକର୍ଷଣ କରି ଆଜି ଆଲୋଚନା କରିବା ପାଇଁ ବାଧ୍ୟ ହେଉଛି ଏଇଥିପାଇଁ ଯେ ଘଟଣା ଦୁଇଟି ଅତି ଛୋଟିଆ ହେଲେ ମଧ୍ୟ ଆମ ବିଗ୍ରରେ ତାହା ଆମ ଜାତୀୟ ଜୀବନ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧପାଇଁ ଅଧିକ ମହତ୍ତ୍ୱ ରଖୁଛି ।

କେତେକ ସମ୍ବାଦପତ୍ରରେ ପ୍ରକାଶିତ ବିବରଣୀରେ କୁହାଯାଇଛି ଯେ, ଶ୍ରୀମତୀ ମାଳତୀ ଚୌଧୁରୀ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ହାତରୁ ଯମୁନାଲାଲ ବଜାଜ ପୁରସ୍କାର ଗ୍ରହଣ କଲେନାହିଁ । କାରଣ, ଶ୍ରୀଯୁକ୍ତ ଗାନ୍ଧୀ ମହାତ୍ମାଗାନ୍ଧୀଙ୍କର ଜୀବନାଦର୍ଶକୁ ଅନୁସରଣ କରିବା ଦୂରେଥାଉ ତାହାର ସୁରକ୍ଷା ଓ ପ୍ରଚାର ପାଇଁ ସେପରି କୌଣସି ଉଲ୍ଲେଖନୀୟ କାର୍ଯ୍ୟ କରିନାହାନ୍ତି । କିନ୍ତୁ ଦୂରଦର୍ଶନ ଓ ଅନ୍ୟକେତେକ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଯେ, ଏ ପରିଣତ ବୟସରେ ସେ ଅସୁସ୍ଥତାବଶତଃ ଉତ୍ସବକୁ ଯାଇ ପାରି ନ ଥିବାରୁ ପୁରସ୍କାର ଗ୍ରହଣ କରିପାରିନାହାନ୍ତି । ଦୂରଦର୍ଶନରେ ପ୍ରସାରିତ ଏ ପ୍ରକାର ସମ୍ବାଦକୁ ଖଣ୍ଡନ କରି ଶ୍ରୀମତୀ ଚୌଧୁରୀ କାଲେ ନୀତିଗତ ଦୃଷ୍ଟିରୁ ଏ ପୁରସ୍କାର ଗ୍ରହଣ କରୁନାହାନ୍ତି ବୋଲି ଓଲଟା ଜୋର୍‌ଦେଇ କହିଦେବା କଥା କେତେକ ସମ୍ବାଦପତ୍ରରେ ପ୍ରକାଶ ପାଇଛି ।

ସେହିପରି ଶ୍ରୀମତୀ ରମାଦେବୀଙ୍କୁ ତାଙ୍କର ଆତ୍ମଜୀବନୀ 'ଜୀବନ ପଥେ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କଲେ, କିନ୍ତୁ ମରଣୋତ୍ତର ଏ ପୁରସ୍କାରଟିକୁ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଗ୍ରହଣ କରିବେ ନାହିଁ ବୋଲି ତାଙ୍କ ସୁପୁତ୍ର ଶ୍ରୀ ମନମୋହନ ଚୌଧୁରୀ କେତେକ ଖବରକାଗଜ ମାଧ୍ୟମରେ ପ୍ରଚାର କରାଇଲେ । ମୁଖ୍ୟମନ୍ତ୍ରୀଙ୍କ ହାତରୁ କାହିଁକି ଏ ପୁରସ୍କାର ଗ୍ରହଣ କରାଯିବ ନାହିଁ ସେ ବିଷୟ ଉଲ୍ଲେଖ କରି ଶ୍ରୀ ଚୌଧୁରୀ କହିଥିବା ପ୍ରକାଶ ଯେ, ଜାନକୀ ବଲ୍ଲଭ

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବର୍ତ୍ତମାନର କଂଗ୍ରେସ ସରକାରରେ ସାହିତ୍ୟ, ଶିଳ୍ପ, କଳା, ବିଜ୍ଞାନ ଓ ଚିତ୍ରକଳା ଇତ୍ୟାଦି ଇତ୍ୟାଦି କ୍ଷେତ୍ରରେ କୃତୀ ସନ୍ତାନମାନଙ୍କୁ ମନେ ପକାଇବା ଓ ସ୍ୱୀକୃତି ଦେବା ପରିବର୍ତ୍ତେ କେବଳ ଶାସକମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ଫଳରେ ଏକ ଚାଟୁକାରିତାର ସଂସ୍କୃତି ଗଢ଼ି ଉଠୁଛି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ପଙ୍ଗୁ ହୋଇଯାଉଛି ।

ସ୍ୱାଭାବିକ ଭାବେ ଏଠି ଗୋଟିଏ ଦୁଇଟି ପ୍ରଶ୍ନ ଉଠୁଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ସମୟରେ ନିର୍ଦ୍ଦିଷ୍ଟ ନୀତି ବିରୁଦ୍ଧରେ ଜନମତ ସୃଷ୍ଟି କରିବାପାଇଁ ଅନଶନ, ହରତାଳ, ଆନ୍ଦୋଳନ ପ୍ରଭୃତି ପ୍ରତୀକଧର୍ମୀ କାର୍ଯ୍ୟ କରାଯାଇଥାଏ । ତେବେ ପୁରସ୍କାର ପ୍ରତ୍ୟାଖ୍ୟାନ କେଉଁ ନୀତିର ପ୍ରତୀକ ? ପ୍ରତ୍ୟାଖ୍ୟାନ ନିଷ୍ପତ୍ତି ପୁରସ୍କାର ବ୍ୟବସ୍ଥା ବିରୁଦ୍ଧରେ ନା ପୁରସ୍କାର ଦେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ନା ଅନ୍ୟକେହି ପୁରସ୍କାର ପାଉଛି ବୋଲି ତା ବିରୁଦ୍ଧରେ ? ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତେ ଆଉ କିଏ ଏହି ପୁରସ୍କାରଗୁଡ଼ିକୁ ଦେଇଥିଲେ ତାହା ଗ୍ରହଣଯୋଗ୍ୟ ହୋଇଥାଆନ୍ତା କି ? ଯଦି ହୋଇଥାଆନ୍ତା ତା'ହେଲେ ଧରିନେବାକୁ ହେବ ଯେ, ମହାନ ଗାନ୍ଧୀ ଲୋକ ପରିବର୍ତ୍ତେ ବିରୋଧୀଦଳର ନେତାମାନଙ୍କୁ ନୀତିଗତ ଭାବେ ପୁରସ୍କାର ବିତରଣ ଉତ୍ସବଗୁଡ଼ିକୁ ଅତିଥି କରି ଡକାଗଲେ ଗାନ୍ଧୀବାଦ ଓ ଗଣତନ୍ତ୍ରର ସୁରକ୍ଷା, କୃତୀ ସନ୍ତାନମାନଙ୍କର ସମ୍ମାନ, ଓଡ଼ିଶାର ସାମଗ୍ରିକ ଦାରିଦ୍ର୍ୟର ଦୂରୀକରଣ ସମ୍ଭବ ହୋଇପାରିବ ।

ମନମୋହନ ବାବୁଙ୍କର ଯୁକ୍ତି ଆଦୌ ଗ୍ରହଣଯୋଗ୍ୟ ହେଉନାହିଁ ଏଇଥିପାଇଁ ଯେ ସେ ଯେଉଁ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଚାହୁଁଛନ୍ତି ଏବଂ ଯାହା ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ଚାହୁଁଛନ୍ତି ତାହାର ଅସଲ ତତ୍ତ୍ୱ ଏବଂ ରୂପରେଖ ବିଷୟରେ ସେ ସେତେ ପରିମାଣରେ ସଚେତନ ଥିଲାପରି ମନେ ହେଉନାହାନ୍ତି । ଏକ ପକ୍ଷରେ ଗଣତାନ୍ତ୍ରିକ ବ୍ୟବସ୍ଥା ପଙ୍ଗୁ ହୋଇଯାଇଥିବା କଥା କହୁଛନ୍ତି ତ ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରିବେ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି । ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜଣେ ବ୍ୟକ୍ତି ଭାବେ ଅତିଥି କରି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାକୁ ଡକାଯାଇଥିଲା ବୋଲି ଆମେ ମନେକରୁନାହୁଁ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବହୁମତରେ ନିର୍ବାଚିତ ଏକ ସରକାରର ମୁଖ୍ୟଭାବେ ସେ ଆମନ୍ତ୍ରିତ ହୋଇଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସହ ଆମର ବ୍ୟକ୍ତିଗତ ମତାନ୍ତର ଥାଇପାରେ ; ତାଙ୍କର ସରକାରୀ ନୀତି ସହିତ ଆମେ ଏକମତ ନ ହୋଇପାରୁ କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ନିର୍ବାଚନ ହୋଇ ଏକ ନୂଆ ସରକାର ଗଠିତ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଆମମାନଙ୍କୁ ତାଙ୍କୁ ସ୍ୱୀକାର କରିବାକୁ ପଡ଼ିବ । କାରଣ ସେ କୌଣସି କାମଚଳା ସରକାରର ମୁଖ୍ୟ ନୁହନ୍ତି ବରଂ ବହୁମତରେ ନିର୍ବାଚିତ ଏକ ଶାସନ ମୁଖ୍ୟ । ଗଣତନ୍ତ୍ରର ଅସଲ ତତ୍ତ୍ୱ ହେଲା ଧୈର୍ଯ୍ୟ, ସହନଶୀଳତା ଏବଂ ଜନମତକୁ ସମ୍ମାନ କରିବାର ଏକ ଅଭ୍ୟାସ । ଧୈର୍ଯ୍ୟର ଅଭାବ ଏବଂ ପରଶ୍ରୀକାତରତା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ବ୍ୟବସ୍ଥାକୁ ଅଧିକ କ୍ଷତିଗ୍ରସ୍ତ କରିଥାଏ । ଆମ ଜାତୀୟ ଜୀବନରେ ଯେଉଁମାନେ ବିଶେଷ ତ୍ୟାଗ ସ୍ୱୀକାର କରିଛନ୍ତି, କିଛିଟା ସମ୍ମାନର ପାତ୍ର ହୋଇପାରିଛନ୍ତି, ସେମାନଙ୍କ ପରି ସଚେତନ ସଂଗ୍ରାମୀ ବୁଦ୍ଧିଜୀବୀମାନେ ଅଧୈର୍ଯ୍ୟ ହୋଇ ଯୁକ୍ତି ଏବଂ ନୀତିକୁ ଜଳାଞ୍ଜଳି ଦେଇ ଶସ୍ତା ଲୋକପ୍ରିୟତା ଏବଂ ସାମ୍ବାଦିକତାର ଶିକାର ହେବା ଆଦୌ ସ୍ପୃହଣୀୟ ହେଉନାହିଁ । ତା ନ ହେଲେ ରାଜନୈତିକ ଦଳର ମୁଷ୍ଟିମେୟ କର୍ମୀମାନଙ୍କ କିଆବୁଦା ପଛପଟେ ଲୁଚି ଟେକା ଫିଙ୍ଗିବା ଏବଂ ମନମୋହନ ବାବୁଙ୍କର ଏ ପ୍ରକାର ଯୁକ୍ତି କରିବା ମଧ୍ୟରେ ବିଶେଷ କିଛି ତଫାତ୍ ଅଛି ବୋଲି କହିହେବ ନାହିଁ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା, ରମାଦେବୀ ବଞ୍ଚିଥିଲେ କ'ଣ କରିଥାନ୍ତେ ? ଓଡ଼ିଶାର ଜାତୀୟ ଜୀବନରେ ରମାଦେବୀଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ସେ କେବଳ ମନମୋହନ ବାବୁଙ୍କର ମାଆ ନ ଥିଲେ, ବହୁ ସ୍ୱାଭିମାନୀ ସଚେତନ ସଂଗ୍ରାମୀ ଓଡ଼ିଆ ତାଙ୍କୁ ହୃଦୟରେ ମାଆବୋଲି ସ୍ୱୀକାର କରିନେଇଥିଲେ । ତେଣୁ ସେ କ'ଣ କରିଥାନ୍ତେ, କରିନଥାନ୍ତେ ସେ ନିଷ୍ପତ୍ତିର ଅଧିକାର ମନମୋହନବାବୁଙ୍କର ଶତକଡ଼ା ଶହେଅଛି ବୋଲି କହି ହେବନାହିଁ । ସାହିତ୍ୟ ଏକାଡେମୀ ପୁରସ୍କାର ମନମୋହନ ବାବୁଙ୍କ ପରିବାରକୁ ଦିଆଯାଇ ନ ଥିଲା ବରଂ ରମାଦେବୀଙ୍କର 'ଜୀବନ ପଥେ' ସାହିତ୍ୟକୃତି ପାଇଁ ଦିଆଯାଇଥିଲା ।

ଆମର ସାଂସ୍କୃତିକ ଏବଂ ରାଜନୈତିକ ବ୍ୟବସ୍ଥାରେ କୌଣସି ସଂସ୍କାର ର ଆବଶ୍ୟକତା ନାହିଁ ବୋଲି କହିବା ଆମର ଅଭିପ୍ରାୟ ନୁହେଁ । କାରଣ ଏ କ୍ଷେତ୍ରରେ ସଂସ୍କାରର ଯଥେଷ୍ଟ ଆବଶ୍ୟକତା ରହିଛି । ସେହିପରି ରମାଦେବୀ ଏବଂ ମାଳତୀ ଚୌଧୁରୀଙ୍କ ପରି ମାତୃତୁଲ୍ୟା ମହିୟସୀ ମହିଳାମାନଙ୍କୁ ଆଲୋଚନାର ପରିସର ମଧ୍ୟକୁ ଟାଣିଆଣିବା ଆମର ଉଦ୍ଦେଶ୍ୟ ନୁହେଁ । ସେମାନେ ତାଙ୍କର ତ୍ୟାଗ ଓ ସାଧନା ଯୋଗୁ ଏ ସବୁର ବହୁ ଊର୍ଦ୍ଧ୍ୱରେ । କିନ୍ତୁ ତାଙ୍କର ତ୍ୟାଗ ଓ ସାଧନାକୁ ଯେଉଁମାନେ ପୁଞ୍ଜିକରି ବ୍ୟକ୍ତିଗତ ରାଜନୀତି କରିବାକୁ ଚାହୁଁଛନ୍ତି ସେ ବିଷୟରେ ଆମ ସମସ୍ତଙ୍କୁ ସଚେତନ ରହିବାକୁ ପଡ଼ିବ । ଯେଉଁ ତଥାକଥିତ ବୁଦ୍ଧିଜୀବୀ ମାନେ ଏ ପ୍ରକାର ଆଲୋଚନା ଅନାବଶ୍ୟକ ବୋଲି କହି ଏଡ଼େଇ ଯାଉଛନ୍ତି ସେମାନଙ୍କର ବୌଦ୍ଧିକ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ।